# DAV PUBLIC SCHOOLS, ODISHA
# ANNUAL EXAMINATION: 2025-26

- Please check that this question paper contains 4 printed pages and 14 questions.
- Read the questions minutely and write down the Serial Number of the question in the left side of the margin before attempting it.

## CLASS-V
## SUBJECT: HIGHER ODIA

**Time: 2 Hours** **Maximum Marks: 50**

**ସାଧାରଣ ନିର୍ଦ୍ଦେଶାବଳୀ-**

- **ନିର୍ଦ୍ଦେଶାନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ।**
- **ପ୍ରଶ୍ନ ପତ୍ରରେ ସମୁଦାୟ ୪ଟି ବିଭାଗ ଓ ୧୪ଟି ମୁଦ୍ରିତ ପ୍ରଶ୍ନ ରହିଛି।**
- **ବିଭାଗର ନାମ ଲେଖିବା ସହିତ ବାମ ପାର୍ଶ୍ୱରେ ପ୍ରଶ୍ନଗୁଡିକର କ୍ରମିକ ସଂଖ୍ୟା ଲେଖ।**
- **ସମସ୍ତ ଉତ୍ତର ଲେଖି ସାରିବା ପରେ ପୁନର୍ବାର ଯାଞ୍ଚ କର।**

### 'କ' ବିଭାଗ (ପଠନ-୫)

**୧. ଅନୁଚ୍ଛେଦଟିକୁ ପଠନ କରି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।** **(୫x୧=୫)**

ଜଳର ଅନ୍ୟ ନାମ ଜୀବନ । ଜଳର ଶୁଦ୍ଧତା ଉପରେ ସମଗ୍ର ଜୀବଜଗତ ନିର୍ଭରଶୀଳ, ମାତ୍ର ବିଜ୍ଞାନର ପ୍ରଗତି, ଶିଳ୍ପର ବିକାଶ ଓ ଜନସଂଖ୍ୟା,ବୃଦ୍ଧି ଆଦି ଜଳ ପ୍ରଦୂଷଣର ମୂଳ କାରଣ ହୋଇଛି । ବିଭିନ୍ନ ଶିଳ୍ପ କାରଖାନାର ବର୍ଜ୍ୟବସ୍ତୁ ଓ ବିଷାକ୍ତ ରାସାୟନିକ ପଦାର୍ଥ, ସହରାଞ୍ଚଳର ଆବର୍ଜନା ଆଦି ନଦୀ ନାଳରେ ମିଶି ନଦୀରଜଳକୁ ପ୍ରଦୂଷିତ କରୁଛି । ଜୀବଜଗତର ଅନ୍ୟତମ ମୁଖ୍ୟ ଆବଶୟକତା ହେଉଛି ବାୟୁ । ବାୟୁ ପ୍ରଦୂଷିତ ହେବା ଦ୍ୱାରା ଜୀବଜଗତ ଗଭୀର ଭାବରେ ପ୍ରଭାବିତ ହୋଇଥାଏ। ଜଙ୍ଗଲ କ୍ଷୟ, ଜନସଂଖ୍ୟା ବୃଦ୍ଧି, ପେଟ୍ରୋଲିୟମ ଜାତ ପଦାର୍ଥ ଓ କୋଇଲା ଉପରେ ଅଧିକ ଉପଯୋଗ ପ୍ରଦୂଷଣର ମୁଖ୍ୟ କାରଣ ହେଇଛି। ଅତ୍ୟଧିକ ଦହନ ପ୍ରକ୍ରିୟା ହେତୁ ବାୟୁମଣ୍ଡଳରୁ ଅମ୍ଳଜାନ ପରିମାଣ ହ୍ରାସ ପାଉଛି ଓ ଅଙ୍ଗାରକାମ୍ଳ ପରିମାଣ ବୃଦ୍ଧି ପାଉଛି । ଏହା ବ୍ୟତୀତ ବିଭିନ୍ନ ପୂଜା ଅନୁଷ୍ଠାନ ମାନଙ୍କରେ ଉଚ୍ଚସ୍ୱରରେ ମାଇକ୍,ବକ୍ସ ଇତ୍ୟାଦି ବଜାଇବା ଓ ଆତସବାଜି ଫୁଟାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ହେଉଛି।ଏସବୁ ପ୍ରତି ସତର୍କତା ଅବଲମମ୍ବନ କଲେ ପରିବେଶ ସୁରକ୍ଷା କରାଯାଇ ପାରିବ । ବାସ୍ତବିକ୍ ପରିବେଶ ନଷ୍ଟ କରିବା କ୍ଷେତ୍ରରେ ମନୁଷ୍ୟ ହେଉଛି ମୁଖ୍ୟ କାରଣ।ପରିରବଶ ସୁରକ୍ଷା ପାଇଁ ପ୍ରଥମ ପଦକ୍ଷେପ ହେଉଛି ବନୀକରଣ ଯୋଜନା । ତେଣୁ ବୃକ୍ଷ ସମ୍ପଦ ହ୍ରାସକୁ ପୂରଣ କରିବାପାଇଁ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରରାପଣ କରିବା ଦରକାର । ପରିବେଶ ସୁରକ୍ଷା କ୍ଷେତ୍ରରେ ରେଡ଼ିଓ, ଦୂରଦର୍ଶନ ଓ ଖବରକାଗଜ ଇତ୍ୟାଦି ଗଣମାଧ୍ୟମର ଯଥେ.ଷ୍ଟ ଭୂମିକା ରହିଛି।

**ପ୍ରଶ୍ନ:-**

(କ) ସମଗ୍ର ଜୀବ ଜଗତ କାହା ଉପରେ ନିର୍ଭରଶୀଳ?

(ଖ) ବୃକ୍ଷ ସମ୍ପଦ ହ୍ରାସକୁ ପୂରଣ କରିବା ପାଇଁ କ'ଣ କରିବା ଦରକାର?

(ଗ) କେଉଁକାରଣରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧିପାଉଛି?

(ଘ)ଜଳର ଅନ୍ୟ ନାମ କ'ଣ?

(ଙ)'ମଣିଷ'ଶବ୍ଦର ପ୍ରତିଶବ୍ଦ ଅନୁଚ୍ଛେଦରୁ ବାଛିଲେଖ।

**'ଖ'ବିଭାଗ (ଲିଖନ-୧୦)**

**୨. ଯେ କୌଣସି ଗୋଟିଏ ବିଷୟରେ ଅନୁଚ୍ଛେଦ ଲେଖ।** **(୧x୫=୫)**

ଆଦର୍ଶଛାତ୍ର, ପରିବେଶ ପ୍ରଦୂଷଣ,ତୁମରପ୍ରିୟ ଶିକ୍ଷକ

**୩. ଯେ କୌଣସି ଗୋଟିଏ ବିଷୟରେ ଦରଖାସ୍ତ କିମ୍ବା ପତ୍ର ଲେଖ।** **(୧x୫=୫)**

ତୁମ ଅଞ୍ଚଳର ଜଳଭାବ ହେତୁ ନଳକୂପ ଖନନ ନିମନ୍ତେ ବିଡିଓଙ୍କ ନିକଟକୁ ଦରଖାସ୍ତ ଲେଖ ।

**(କିମ୍ବା)**

ତୁମେ ଦେଖିଥିବା ଏକ ନୂତନ ସ୍ଥାନର ଅନୁଭୂତି ବର୍ଣ୍ଣନା କରି ତୁମ ବନ୍ଧୁଙ୍କ ନିକଟକୁ ପତ୍ର ଲେଖ।

**'ଗ'ବିଭାଗ (ବ୍ୟାକରଣ-୧୫)**

**୪. ବନ୍ଧନୀ ମଧ୍ୟରୁ ବିପରୀତାର୍ଥ ବୋଧକ ଶବ୍ଦ ବାଛି ଲେଖ।** **(୩x୧=୩)**

(କ) ସାଧୁ – (ଅସାଧୁ, ସୁସାଧୁ, ବିସାଧୁ)

(ଖ)ସହିଷ୍ଣୁ – (ଅସହିଷ୍ଣୁ, ବିସହିଷ୍ଣୁ, ସୁସହିଷ୍ଣୁ)

(ଗ) ଦରକାରୀ – (ଉପକାରୀ, ହିତକାରୀ, ଅଦରକାରୀ)

**୫. ନିମ୍ନଲିଖିତ ଶବ୍ଦ ଗୁଡ଼ିକର ପ୍ରତିଶବ୍ଦ ଲେଖ।** **(୩x୧=୩)**

(କ) ଦେହ (ଖ)କାବା (ଗ) ବନ୍ଧୁ

**୬. ଏକପଦରେ ପ୍ରକାଶ କର।** **(୩x୧=୩)**

(କ) ଯାହାର ଉପମା ନାହିଁ

-(ଖ) ଯେ ବିଦ୍ୟା ଦେଇଥାନ୍ତି-

(ଗ) ଯେ ଅନ୍ନ ଦେଇଥାନ୍ତି -

**୭. ନିମ୍ନଲିଖିତ ବାକ୍ୟଗୁଡିରେ ଥିବା ସର୍ବ ନାମ ପଦଟିକୁ ବାଛିଲେଖ।** **(୩x୧=୩)**

(କ) ସେ କୋରାପୁଟ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ।

(ଖ)ତାଙ୍କ ମୁହଁରୁ ରାମଧୁନ ବାହାରିଥିଲା ।

(ଗ) ତାଙ୍କ ଦ୍ୱାରା ସଂଗ୍ରାମୀମାନେ ଉତ୍ସାହିତ ହେଲେ ।

**୮. ନିମ୍ନ ଲିଖିତ ଶବ୍ଦଗୁଡ଼ିକର ଗଦ୍ୟ ରୂପ ଲେଖ।** **(୩x୧=୩)**

(କ) ପରବତ (ଖ) ନିରିମଳ (ଗ)କରମ

**'ଘ'ବିଭାଗ (ସାହିତ୍ୟ-୨୦)**

**୯. ନିମ୍ନ ଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖ।।** **(୩x୧=୩)**

(କ) ପହିଲା (ଖ) କାବା (ଗ)ଚଢ଼ାଉ

**୧୦. ନିମ୍ନ ଲିଖିତ ଶବ୍ଦ ଗୁଡିକୁ ବ୍ୟବହାର କରି ବାକ୍ୟ ଗଠନ କର।** **(୩x୧=୩)**

(କ) କଲ୍ୟାଣକାମୀ (ଖ)ପ୍ରତିହତ (ଗ) ପ୍ରୀତିକର

**୧୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର।** **(୩x୧=୩)**

**(**କ) ଡୋଡୋର ବଂଶ ------ ମସିହାରେ ପୃଥିବୀରୁ ନିଶ୍ଚିହ୍ନ ହୋଇଥିଲା।

(୧୮୬୧,୧୮୬୨,୧୮୬୩,୧୮୬୪)

(ଖ)ଟଙ୍କା ଥଳି ଆଣି ଥୋଇଲେ ଅନନ୍ତ ଦାସେ _____ଙ୍କ ପାଶେ।

(ଆପଣ, ତୁମେ, ତୁ)

(ଗ) ପ୍ୟାରୀମୋହନ ପ୍ରକାଶ କରିଥିବା ପତ୍ରିକାଟିର ନାମ ________ଥିଲା।

(ଉତ୍କଳପୁତ୍ର, ଉତ୍କଳଦୀପିକା, ସମ୍ବାଦ ବାହିକା, ଝଙ୍କାର)

**୧୨. ସରଳଭାଷାରେ ବୁଝାଇ ଲେଖ।** **(୧x୪=୪)**

(କ) ବନ୍ଧୁର ପଥେ ଆମ ଅଭିଯାନ ଆମେ ନବ କିଶଳୟ।

**(କିମ୍ବା)**

(ଖ) ଆଶ୍ରିତଜନରକ୍ଷା ପାଇଁ

ଦଳପତିସିନା ସାଜିଛିମୁହିଁ

**୧୩. ଯେ କୌଣସି ୫ଟି ପ୍ରଶ୍ନର ଉତ୍ତର ଲେଖ।** **(୫x୧=୫)**

(କ) ରୋବଟ୍ କରିପାରୁଥିବା କେତୋଟି କାମର ନାମ ଲେଖ ?

(ଖ)ଗୋପବନ୍ଧୁଙ୍କ ମନ ଅସ୍ଥିର ହେଲା କାହିଁକି ?

(ଗ) ଡୋଡୋ ପକ୍ଷୀର ବଂଶ କିପରି ଲୋପ ହେଲା?

(ଘ) ଦରଖାସ୍ତ ଜୁଡିଆନ୍ କି ପ୍ରକାରର ଲେଖାଥିଲା?

(ଙ)କପୋତ ଦଳ କି ଅସୁବିଧାରେ ପଡ଼ିଥିଲା?

(ଚ)କାହା ମୁଖରେ ଭାଷା ଦେବା ପାଇଁ ଶିଶୁ ମାନେ ଆଶା ପ୍ରକାଶ କରିଛନ୍ତି?

**୧୪. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ।** **(୧x୨=୨)**

(କ) କପୋତ ରାଜ ପ୍ରଥମେ ବନ୍ଧନରୁ ମୁକ୍ତ ହେବାକୁ ଚାହିଁଲେ ନାହିଁ କାହିଁକି ? ତାଙ୍କର ଏହି ତ୍ୟାଗ ସମ୍ପର୍କରେ ସମ୍ୟକ୍ ବିବରଣୀ କର ।

(ଖ) ଜେଲରେ ଥିବା ବେଳେ ଲକ୍ଷ୍ମଣ କିପରି ଅବସ୍ଥାରେ ଥିଲେ?

****